# Akashvani, Sambalpur

# SAMBALPURI NEWS MORNING BULLETIN

# 12 October 2026 - 6.47- 6.52 am.

---

ରାଜ୍ୟପାଲ୍           ଆଇ ଆଣ୍ଡ୍ ପି.ଆର୍

ଗ୍ରାମାଂଚଲ୍‌ର ଛାତ୍ରୀମାନ୍‌କୁ ବିଜ୍ଞାନ୍ ଆଉ ବୈଷୟିକ ଶିକ୍ଷାଥି ସଶକ୍ତ କର୍‌ବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜୋର୍ ଦେଇଛନ୍ । ବର୍‌ଗଡ୍ ଜିଲ୍ଲା ନୂଆଖାଇରପାଲି ଗାଁ ନ ଥିବା କୋଶଲ୍ ବିଦ୍ୟାଲୟ ନ ବୋଇଂ ସୁକନ୍ୟା ଷ୍ଟେମ୍ ଲେବ୍, ଏରୋ ମୋଡେଲିଂ ତାଲିମ୍ କେନ୍ଦ୍ର ଆଉ ଏଆଇ ଲେବ୍‌ର ଗଲାକାଏଲ୍ ରାଜ୍ୟପାଲ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଉଦ୍‌ବୋଧନ୍ ଦେଇକରି କହିଛନ୍, ପ୍ରତିଭା କେଭେ ଭିଲ୍ ପରିସ୍ଥିତିର୍ ସୀମା ଭିତ୍‌ରେ ବାନ୍ଧି ହେଇକରି ନାଇଁ ରହେବାର୍ କଥା । ସବୁ ଛାତ୍ରୀମାନ୍‌କୁ ନିଜର୍ ଦକ୍ଷତା ଆଉ ସାମର୍ଥ୍ୟର୍ ସବୁନୁ ଅଏତ୍‌କା ଉପଯୋଗ୍ କର୍‌ବାର୍ ସୁଯୋଗ୍ ମିଲ୍‌ବାର୍ କଥା ବଲି ରାଜ୍ୟପାଲ୍ କହିଛନ୍ । ଷ୍ଟେମ୍ ଲେବ୍ ଜରିଏ ବିଜ୍ଞାନ୍ ଆଉ ଗଣିତଥି ପ୍ରୟୋଗ୍

ଭିତିକ୍ ଶିକ୍ଷାକେ ପ୍ରୋତ୍ସାହନ୍ ମିଲ୍‌ବା । ଏରୋ ମୋଡ୍‌ଲିଂ ତାଲିମ୍ କେନ୍ଦ୍ର ଛାତ୍ରଛାତ୍ରୀମାନ୍‌କୁ ବିମାନ୍ ଉଡ଼ାନ୍ ନକ୍ସା ତିଆର୍ ଆଉ ଇଞ୍ଜିନିୟରିଂ ବାବ୍‌ଦେ ଜ୍ଞାନ୍ ଦେବା । ସେନ୍ତା ଏ.ଆଇ. ଲେବ୍ ଭବିଷ୍ୟତ୍‌ର ବୈଷୟିକ୍ ଜଗତ୍‌କେ ପ୍ରଭାବିତ୍ କରୁଥିବା କୃତ୍ରିମ ବୁଦ୍ଧିମତା ବାଗିର୍ ପ୍ରଯୁକ୍ତି ବିଦ୍ୟା ସହେତେ ଛାତ୍ରଛାତ୍ରୀମାନ୍‌କୁ ପରିଚିତ କରାବା । ଇତାର୍ ଜରିଏ ବିମାନ୍ ଚଲାଚଲ୍, ରୋବୋଟିକ୍ସ ଆଉ ଏ.ଆଇ. ବାଗିର୍ କ୍ଷେତ୍ରଥି ନୂଆଁ ସୁଯୋଗ୍ ତିଆର୍ ହେଇପାର୍‌ବା ବଲି ରାଜ୍ୟପାଲ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ବର୍‌ଗଡ୍, ଅତାବିରା, ଆଉ ଭଟ୍‌ଲି ବିଧାୟକ୍ ଉପସ୍ଥିତ୍ ଥିଲେ । ଇତାର୍ ଆଘୋନୁ ରାଜ୍ୟପାଲ୍ ଅତାବିରା ନ ହେଇଥିବା ୨୩ ତମ କୋଶଲ୍ ଆନ୍ଧ୍ର ସାଂସ୍କୃତିକ୍ ସଂଘର୍ ଉଦ୍‌ଘାଟନୀ ସମାରୋହଥି ଯୋଗ୍ ଦେଇଥିଲେ ।

ଦୁର୍ଗାପୂଜା ଆର୍‌ଏନ୍‌ୟୁ ସମ୍ବଲପୁର

ଶାରଦୀୟ ଦୁର୍ଗାପୂଜା ଅବ୍‌ସରେ ଆଏଜ୍ ନବରାତ୍ରୀର ୨ ନମ୍ବର୍ ଦିନେ ମାଁ ବ୍ରାହ୍ମଚାରିଣୀଙ୍କୁ ପୂଜା କରାଯାଉଛେ । ଦେବୀଙ୍କର୍,

ଭୁଜ୍‌ନି ହାତେ ଜପମାଳା ଆର୍ ଡେବ୍‌ରୀ ହାତେ କମଣ୍ଡଳୁ ଶୋଭାପାଏସି । ମା ଖାଲିପାଦେ ବୁଲୁଥିବାର୍ ରୂପଥି ପୂଜା ପାଏସନ୍ । ମହାଦେବଙ୍କୁ ସ୍ୱାମୀ ହିସାବେ ପାଏବାର୍ ଲାଗି ଦେବୀ ପାର୍ବତୀ କଠିନ୍ ତପସ୍ୟା କରିଥିଲେ । ତାଁକର୍ ସେ ରୂପକେ ବ୍ରହ୍ମଚାରିଣୀ କୁହାଯାଏସି । ମା ବ୍ରହ୍ମଚାରିଣୀ ଜ୍ଞାନ ଆର୍ ବୁଦ୍ଧିର ଭଣ୍ଡାର୍, ଭକ୍ତକେ ସୁଖ, ଶାନ୍ତି, ଯଶ କିର୍ତି ଦେବାର୍ ସହେତେ ମୋକ୍ଷର ମାର୍ଗ ପ୍ରଶସ୍ତ କର୍‌ସନ୍ ।

ବିଶ୍ୱ ଗଣ୍ଠିବାତ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଗଣ୍ଠିବାତ ଦିବସ୍ । ଫି ବଛର୍ ଅକ୍ଟୋବର୍ ୧୨ ତାରିଖ୍ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ନିଜର୍ ସପନ୍‌କେ ହାସଲ୍ କର' । ଗଣ୍ଠିବାତ ରୋଗ୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୯୯୬ ମସିହା ନ ପହେଲାଥର୍ ଲାଗି ବିଶ୍ୱ ଗଣ୍ଠିବାତ୍ ଦିବସ୍ ପାଲନ୍ କରାଯାଇଥିଲା । ଇହାଦେର୍ ସମିଆଥି ଆଣ୍ଠୁଗଣ୍ଠି ବାତ ସମସ୍ୟା ଭାବେ ଉଭା ହେଇଛେ । ଆର୍ଥରାଇଟିସ୍

ଗୁଟେ ଖଞ୍ଜା ଜନିତ ସମସ୍ୟା । ଖଞ୍ଜାଥି କେନ୍‌ସି ପ୍ରକାରର୍ ସମସ୍ୟା ଦେଖାଦେଲେ, ସେଟା ମୁନୁଷ୍‌କେ ଯା'ଆସ୍ କର୍‌ବାର୍‌କେ ଅସୁବିଧା ହେସି । ଆର୍ଥରାଇଟିସ୍ ରୋଗ୍‌ନୁ ଦୂରେ ରହେବାର୍ ଆଉ ଇତାର୍ ସହେତେ ମୁକାବିଲା କର୍‌ବାର୍ ଲାଗି ଜୀବନ୍ ଶୈଲୀଥି ପରିବର୍ତନ୍ ଆନ୍‌ବାର୍ ଦର୍‌କାର୍ । ଇଥିର୍‌ଲାଗି ସବୁଦିନ ବ୍ୟାୟାମ୍ କର୍‌ବାର୍ ସହେତେ କିଛି ସମୟ ଚଲାବୁଲା କର୍‌ବାର୍ ଦର୍‌କାର୍ ।

ରାଜସ୍ୱ ମନ୍ତ୍ରୀ ଝାରସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲା ବ୍ରଜ୍‌ରାଜ୍‌ନଗର୍ ନିର୍ବାଚନ୍ ମଣ୍ଡଳୀ ଗସ୍ତ କରିକରି ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଗାନ୍ଧୀଛକ୍ ଠାନେ ତିଆର୍ କଲ୍ୟାଣ୍‌ମଣ୍ଡପ୍, ଲଜ୍‌କୁରା ନ ଗୋଶାଳା ଆଉ ବ୍ରଜରାଜନଗର୍ ନ ତିଆର୍ ହେଇଥିବା ନାଟ୍ୟ ମଂଚକେ ମନ୍ତ୍ରୀ ଶ୍ରୀ ପୂଜାରୀ ଉଦ୍‌ଘାଟନ୍ କରିଛନ୍ । ଗସ୍ତ ଅବ୍‌ସରେ ବେଲ୍‌ପାହାଡ଼୍ ନ ବିଜେପି ତର୍‌ଫୁ ଆୟୋଜିତ୍ ଯୁବ ସମାବେଶ୍‌ଥି ଭିଲ୍ ସେ ଯୋଗ୍ ଦେଇଛନ୍ ।

ନୂଆଖାଇ ଭେଟ୍‌ଘାଟ୍          ସୁବର୍ଣ୍ଣପୁର୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଲୋକକଳା ଆଉ ପରମ୍ପରାର୍ ସୁରକ୍ଷା ସହେତେ କଳା ଆଉ ସଂସ୍କୃତିକେ ଜାତୀୟସ୍ତର୍ ନ ପହଁଚାବାର୍ ଲାଗି ଲୋକାଲ୍ ଟୁ ଭୋକାଲ୍ ଲକ୍ଷ୍ୟଥି କାମ୍ କର୍‌ବାର୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆହ୍ୱାନ୍ ଦେଇଛନ୍ । ସୁବର୍ଣ୍ଣପୁର୍ ଜିଲ୍ଲା ଟାଉନ୍ ହଲ୍ ଠାନେ ବିଗୁଲ୍ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ଫୁ ହେଇଥିବା ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ଥି ଡକ୍ଟର୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ୍ ଜଗ୍‌ଦଲା, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ କଳାକାର୍‌ମାନ୍‌କର୍ ତର୍‌ଫୁ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା ।

ଆଇନସଚେତନ୍ ଶିବିର୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍ନା ବ୍ଲକ୍ ସୁନାବେଡ଼ା ଅଭୟାରଣ୍ୟ ନ ଥିବା ଗୁରୁକୁଳ ଆଶ୍ରମ୍ ପରିସର୍ ନ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତରଫୁ ଆଇନ୍ ସହାୟତା ଆଉ ସଚେତନ୍ ଶିବିର୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ନବନୀତା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲା ଅଗଷ୍ଟ ୨୫ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଶିବିର୍ ଆଏବା ୨୩ ତାରିଖ୍‌ତକ୍ ଚାଲ୍‌ବା । ଇତାର୍ ଜରିଏ ଲୋକ୍‌ମାନ୍‌କୁ ଆଇନ୍ ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ଅପରାଧ୍ ନିୟନ୍ତ୍ରଣ୍ ଆଉ ଲୋକ୍‌ମାନ୍‌କର୍ ଅଧିକାର୍ ଆଉ ନୈତିକ୍ କର୍ତବ୍ୟ ବିଷେଥି ବୁଝାଯିବା ।

କଳାକାର୍ ଚୟନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ଆଉ ସଂସ୍କୃତି ବିଭାଗ୍ ତରଫୁ ଜିଲ୍ଲାସ୍ତରୀୟ ଆମ କଳାକାର୍ ଚୟନ ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ୧୬ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ୫ ହଜାର୍‌ନୁ ଅଏତ୍‌କା କଳାକାର୍ ଭାଗ୍ ନେବେ ବଲି ସୂଚ୍‌ନା

ମିଳିଛେ । କଲା ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ସହେତେ କଲାକାର୍‌ମାନ୍‌କର୍ ପ୍ରତିଭାକେ ଲୁକ୍‌କର୍ ଆଗାଡ୍‌କେ ଆନ୍‌ବାର୍ ଆଉ ସେମାନ୍‌କୁ ଉପଯୁକ୍ତ ମଂଚ ଦେବାର୍ ଉଦ୍ଦେଶ୍ୟେଥି ଇ ପ୍ରକ୍ରିୟା ମୁଲ୍ ହେଇଛେ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ନିଶାମୁକ୍ତ ଯୁବ ବୌଦ୍ଧ ସମ୍ବାଦଦାତା

ମାଇ ଭାରତ୍ ବୌଦ୍ଧ ଜିଲ୍ଲା ତର୍‌ଫୁ ପଡ଼ୋଶୀ ଯୁବ ସମ୍ବିଧାନ୍ କାର୍ଯ୍ୟକ୍ରମ୍ ଜିଲ୍ଲା ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଭାଗୃହ ନ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ନିଶାମୁକ୍ତ ଯୁବ ବାବ୍‌ଦେ ଆଲୋଚନା କରାଯାଇଥିଲା । ଅତିଥିମାନେ ଛାତ୍ରଛାତ୍ରୀମାନ୍‌କୁ ଇ ବିଷେଥି ଅଭିଭାଷଣ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ପାଶେ ଗୁଟେ ଘୂର୍ଣ୍ଣିବଲୟ ହେଇଛେ । ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏବାକାଏଲ୍ ତକ୍ ଇଟା

ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଆଏଜ୍ ସୁନ୍ଦରଗଡ଼ ସହେତେ ବାଲେଶ୍ୱର୍, ଭଦ୍ରକ୍, ଯାଜ୍ପୁର୍, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର୍, କଟକ୍, କେନ୍ଦୁଝର୍ ଆଉ ମୟୁର୍ଭଞ୍ଜ୍ ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।